# ଡାମରା କାଉ

ଡାମରା କାଉରେ ଡାମରା କାଉ,
ଘର ଉପରେ ତୁ ବୋବାଉ ଥାଉ ।
କା, କା, କହି ଡାକୁ ସକାଳେ,
ତୋ ଡାକେ ଉଠନ୍ତି ପ୍ରାଣୀ ସକଳେ ।
ଅଗଣାରେ ବସି ବୋବାଉ ଥାଉ,
କୁଣିଆ ଆସିବା ସୂଚନା ଦେଉ ।
ଚାଉଳ ମୁଠାଏ ଦେଲେରେ ଥୋଇ,
ଆନନ୍ଦରେ ବସି ଖାଉରେ ତୁହି ।
ପରିବେଶକୁ ତୁ ଦେଉ ସୁରକ୍ଷା,
ତେଣୁ ହୁଏ ଆମ ଜୀବନ ରକ୍ଷା ।
କିଏ ସେ ରାଗିବ କାହିଁକି ଆଉ,
ସର୍ଭିଙ୍କର ଶୁଭ ମନାସୁ ଥାଉ ।

**ଲତାଞ୍ଜଳି ନାୟକ**
ନବମ ଶ୍ରେଣୀ
ସରକାରୀ ଉଚ୍ଚ ବିଦ୍ୟାଳୟ, ଶରତ, ମୟୂରଭଞ୍ଜ



# ନିଜ ଦୋଷ ମାନିଲେ

ସହରଠାରୁ କିଛି ଦୂରରେ ଗାଁଟିଏ । ସେହି ଗାଁର ଲୋକମାନେ ସମସ୍ତେ ମିଳିମିଶି ରହୁଥିଲେ । କୌଣସି ଗଣ୍ଡଗୋଳ ହେଲେ ଗାଁ ପଞ୍ଚାୟତରେ ତାହା ସମାଧାନ ହୁଏ । ସେହି ଗାଁରେ ଜଣେ ସାହୁକାର ଥିଲେ ଏବଂ ତା' ସହିତ ସେ ଲଡ୍ଡୁ, ରସଗୋଲା ଏବଂ ବିଭିନ୍ନ ପ୍ରକାର ମିଠା ମଧ୍ୟ ବିକ୍ରି କରୁଥିଲେ । ସେ ଲଡ୍ଡୁ, ନିଜେ ତିଆରି ନ କରି ଗାଁରେ ଥିବା ସାଧୁ ପାତ୍ରଙ୍କଠାରୁ ଆଣି ବିକ୍ରି କରୁଥିଲେ । ସାଧୁ ପାତ୍ରଙ୍କ ନାମ ଯେମିତି ଗୁଣ ବି ସେମିତି । ଦିନେ ସାହୁକାର କ'ଣ ଭାବିଲେ କେଜାଣି ସାଧୁପାତ୍ର ଠାରୁ ଆଣିଥିବା ଲଡ୍ଡୁ ଓଜନ କରି ଦେଖିଲେ ତାହା ଦଶ କେଜି ବଦଳରେ ନଅ କେଜି ହେଉଛି । ସେ ସାଙ୍ଗେ ସାଙ୍ଗେ ସାଧୁଙ୍କୁ ଏହି କଥା କହି ଭର୍ତ୍ସନା କଲେ । କଥାଟି ଗାଁ ପଞ୍ଚାୟତରେ ପଡ଼ିଲା । ସାଧୁଙ୍କର ସାଧୁତା ଗାଁ ଲୋକ ସମସ୍ତେ ଜାଣନ୍ତି । ତେଣୁ ତାଙ୍କୁ ସତ କହିବା ପାଇଁ ମୁଖିଆ ନିର୍ଦ୍ଦେଶ ଦେଲେ । ସାଧୁ ପାତ୍ର କହିଲେ ଆଜ୍ଞା, ମୋର କିଛି ଭୁଲ ନାହିଁ । ମୁଁ ଦଶ କେଜି ଲଡ୍ଡୁ ଦେଇଛି । ମୁଁ କୌଣସି ବେଇମାନି କରିନାହିଁ । ଗାଁ ମୁଖିଆ କହିଲେ ତେବେ ତୁମେ ନିଜର ନିକିତି ଆଣ । ସାଧୁ ପାତ୍ର ତାହା କଲେ; କିନ୍ତୁ ତାଙ୍କ ପାଖରେ କୌଣସି ବଟକରା ନଥିଲା । ମୁଖିଆ ଏହା ଦେଖି ପଚାରିଲେ ତା'ହେଲେ ତୁମେ ଓଜନ କିପରି କରୁଥିଲ ? ସାଧୁ କହିଲେ, ଆଜ୍ଞା ମୁଁ ଲଡ୍ଡୁ ତିଆରି କରିବାପାଇଁ ଯେଉଁ ଦଶ କେଜି ବେସନ ସାହୁକାରଙ୍କ ତେଜରାତି ଦୋକାନରୁ ଆଣେ ତାକୁ ନିକିତିରେ ଗୋଟିଏ ପଟେ ରଖେ ଓ ଅନ୍ୟ ପଟେ ଲଡ୍ଡୁ ରଖେ ଏବଂ ସେହି ଲଡ୍ଡୁ ସାହୁକାରଙ୍କୁ ଦିଏ । ଏଥିରେ ମୋର କୌଣସି ଭୁଲ ନାହିଁ କି ମୁଁ କୌଣସି ବେଇମାନି କରି ନାହିଁ ।

ଏତିକି ଶୁଣି ସାହୁକାର ସଭା ମଧ୍ୟରେ ଠିଆ ହୋଇ ନିଜ ଭୁଲ୍ ମାନିଲେ ଏବଂ କହିଲେ ମୁଁ ପ୍ରକୃତରେ ଦଶ କେଜି ବେସନ ଜାଗାରେ ନଅ କେଜି ବେସନ ଦେଇଥିଲି । ମୁଁ ମୋ ଅପରାଧ ମାନୁଛି । ସାହୁକାରଙ୍କ କଥା ଶୁଣି ସମସ୍ତେ ଚକିତ ହେଲେ ।

**କୁମାରୀ ଶ୍ରାବଣୀ ମାଝୀ**
ନବମ ଶ୍ରେଣୀ
ଶରତ ସରକାରୀ ଉଚ୍ଚ ବିଦ୍ୟାଳୟ, ଶରତ, ମୟୂରଭଞ୍ଜ





# ବନ୍ଦନା

ଚରଣ ତୁମରି ସରଗୁ ବଳି
କେଉଁ ସରଗ ମୁଁ ମାଗିବି ଆଉ,
ଆଉ କିଛି ପୂଣ୍ୟ ଦିଅ ବା ନ ଦିଅ
ଶୀର ମୋର ତୁମ ଆଶିଷ ପାଉ ।

ତୁମେ ସତ୍ୟ ଶିବ ଚିର ସୁନ୍ଦର
ତିନି ଭୁବନର ଭବ ସାଗର,
ମୁଁ ତୁମର ଅଟେ ଅମୃତ ସନ୍ତାନ
ମନରେ ଏତିକି ବିଶ୍ୱାସ ଥାଉ ।

ଜଗତକୁ ଦେଇ ଅମୂଲ୍ୟ ଦାନ
ତୁମ ପ୍ରେମ ଜ୍ଞାନ ମଣି କାଞ୍ଚନ
ମୂଢ଼ଜନଠାରୁ ଆହୁରି ମୂଢ଼ ମୁଁ
ମୋ ଠାରେ ଟିକିଏ କରୁଣା ହେଉ ।

ବୁଣି ଦେଲେ ତୁମେ କରୁଣା ମୁଠେ
ଶୁଖିଲା ଭୂଇଁରେ କମଳ ଫୁଟେ
ସେଇ କରୁଣା ତ କୋଟି କଇବଲ୍ୟ
ମୋ ପାଇଁ ଗୋଟାଏ କଣିକା ହେଉ ।

**ଶ୍ରୀ ହରେକୃଷ୍ଣ ମହାକୁଡ଼**
ସପ୍ତମ ଶ୍ରେଣୀ
ଶରତ ସରକାରୀ ଉଚ୍ଚ ବିଦ୍ୟାଳୟ, ଶରତ, ମୟୂରଭଞ୍ଜ

# ଗୋଲ୍-ଗୋଲ୍ ସବୁଗୋଲ୍

ଆଇଙ୍କର ଚୁଡ଼ି ଗୋଲ,
ଅଜାଙ୍କ ପଗଡ଼ି ଗୋଲ,
ମାଈଁ କହନ୍ତି ପିଠା ଗୋଲ,
ମାମୁ କହନ୍ତି ଗାଡ଼ିଚକ ଗୋଲ,
ମୁଁ କହେ  ଗୋଲ୍ ଗୋଲ୍ ସବୁଗୋଲ୍ ।

ମଣ୍ଡାପିଠା ଗୋଲ୍ ଗୋଲ୍
ମା କହନ୍ତି ରୁଟି ଗୋଲ୍
ବାପା କହନ୍ତି ପୃଥିବୀ ଗୋଲ୍
ମୁଁ କହେ ଗୋଲ୍ ଗୋଲ୍ ସବୁ ଗୋଲ୍ ।

ଭାଇ କହେ ପେଣ୍ଡୁ ଗୋଲ୍,
ସାନ ଭଉଣୀ କହେ ଲଡୁ ଗୋଲ୍,
ସାନ ଭାଇ କହେ କାଚ ଗୋଲି ଗୋଲ୍,
ସାଙ୍ଗମାନେ କହନ୍ତି ରୋସଗୋଲା ଗୋଲ୍,
ମୁଁ କହେ, ଗୋଲ୍ ଗୋଲ୍, ସବୁ ଗୋଲ୍ ।

ଶ୍ରୀ ନିର୍ମଳ ବିକାଶ ପାତ୍ର
ସପ୍ତମ ଶ୍ରେଣୀ
ଶରତ ସରକାରୀ ଉଚ୍ଚ ବିଦ୍ୟାଳୟ, ଶରତ, ମୟୂରଭଞ୍ଜ



# ଶୀତ ଆସିଗଲା

ଶୀତ ମାଉସୀ ଆସିଲା ଧାଇଁ, ବରଷା ଗଲା ଚ୍ଛଲି,

ବଗିଚ୍ଛରେ ପରା ଫୁଟିଲାଣି ଫୁଲ ହଳଦୀ ଆଉ ନାଲି ।

ଚଷା ଭାଇର ମନ ଆନନ୍ଦ, ଦେଖି ପାଚିଲା ଧାନ

ଶୀତ କାକର ନମାନେ ସିଏ କାମରେ ଥାଏ ମନ ।

ଏହି ଋତୁରେ ପିଲାଏ ପରା, କରନ୍ତି ବଣଭୋଜି,

ଆମ୍ବତୋଟାରେ ସାଥୀ ମେଳରେ ଯାଆନ୍ତି ସବୁ ମଜ୍ଜି ।

ଏହି ଦିନରେ ନାନାଜାତିର ପନିପରିବା ଫଳେ,

ଶିମ୍ବ, ମଟର, ମୂଳା ସାଂଗକୁ କୋବି ଯେ କେତେ ମିଳେ ।

ଶୀତ ଋତୁରେ କେତେ ନା କେତେ ପରବ ସବୁ ଆସେ,

ସବୁରି ଘରେ ମଣ୍ଡା, ଆରିସା, ଖିରି, କାକରା ବାସେ ।

ଏହି ଋତୁରେ ଗାଁ ଗାଁରେ ହୁଅଇ କେତେ ଯାତ

ସବୁରି ମନ ନାଚି ଉଠଇ, ଦେଖି ସୁନାର କ୍ଷେତ ।

**ଶ୍ରୀ ସଂପଦ ଦାସ**
ଅଷ୍ଟମ ଶ୍ରେଣୀ
ଶରତ ସରକାରୀ ଉଚ୍ଚ ବିଦ୍ୟାଳୟ, ଶରତ, ମୟୂରଭଞ୍ଜ



# ୨୦୧୨

ପାଗଳ କେଉଁ ବୈଜ୍ଞାନିକ ଆସି
କହିଦେଲା ଲୋକଙ୍କୁ,
ପୃଥିବୀ ଆମର ଧ୍ୱଂସ ହୋଇବ
ଦି' ହଜାର ବାରବର୍ଷକୁ...।
ଏବେଠୁ ସଚେତନ ହୁଅରେ
ଜମିବାଡ଼ିକୁ ବିକ,
ପେଟ ଫଟାଣିଆ ଖାନା ଖାଇ
ଡିଆଁ ମାରିକି ନାଚ ।
ଲୋକ ସକଳ ଭାବି ବସନ୍ତି
କ'ଣ କହିବା କିସ,
ଭଗବାନ କ'ଣ ରାଗିଗଲେ କି
କରିଲେ ଉପହାସ... ।
ଆମେ ମଣିଷ ବଡ଼ ଉଦ୍ଦଣ୍ଡ
କାଟି ଚାଲିଛୁ ଗଛ,
ସେଇଥିପାଇଁ ପୃଥିବୀ ଆମ
ହେବରେ ଏବେ ଧ୍ୱଂସ ।
ଏଥିରେ କେଉଁ ବିଦ୍ୟା ଶକତି
କାମ କରଇ ନାହିଁ,
ଆମେ ଚାହିଁଲେ ସିଧା ଏହାକୁ
ଟାଳି ପାରିବା ଭାଇ ।
ତା'ହେଲେ ଆସ ସମସ୍ତ ଲୋକେ
ଶପଥ ଆଜି ନିଅ,
ଗଛ ନ କାଟି ଗଛ ଲଗାଇ
ନ ମରି ଏବେ ଜୀଅଁ ।

ଶ୍ରୀହରି କିସ୍କୁ
ନବମ ଶ୍ରେଣୀ
ଶରତ ସରକାରୀ ଉଚ୍ଚ ବିଦ୍ୟାଳୟ, ଶରତ, ମୟୂରଭଞ୍ଜ



## ବିଷୟ ସମ୍ବଳିତ ଲିଖନ

(ଗୋଟିଏ ନିର୍ଦ୍ଦିଷ୍ଟ ବିଷୟରେ ଲେଖିବାର ପ୍ରୟାସ : ବିଷୟ - ଅଦିନ ବରଷା)

# ଅଦିନ ବରଷା

ସୃଷ୍ଟିକର୍ତ୍ତାଙ୍କ ଦ୍ୱାରା ସୃଷ୍ଟ ଏ ପରିବେଶ । ଏହି ପରିବେଶରେ ସନ୍ତୁଳିତ ଭାବରେ ପାହାଡ଼, ପର୍ବତ, ଗଛ, ଲତା, ନଦୀ, ନାଳ ଓ ପଶୁପକ୍ଷୀମାନେ ଏଠାରେ ବସତି ସ୍ଥାପନ କରିଛନ୍ତି । ପୃଥିବୀ ସୃଷ୍ଟି ହେବାର ସମୟ ପରେ ପ୍ରାୟ ଅଢ଼େଇ ହଜାର ବର୍ଷ ପୂର୍ବେ ମାନବ ସୃଷ୍ଟି ହୋଇଛି । କାହିଁ କେତେ ଯୁଗ ପରେ ସେ ଲେଖାପଢ଼ା ଶିଖିଛି । ପୂର୍ବେ ବହୁଳ ବୃକ୍ଷଦ୍ୱାରା ଆଚ୍ଛାଦିତ ଥିଲା ଏ ପୃଥିବୀ । ଏହି ପୃଥିବୀ ପୃଷ୍ଠରେ ୬ ପ୍ରକାରର ଋତୁ ଅନୁଭୂତ ହୋଇଥାଏ । ସେମାନଙ୍କ ମଧ୍ୟରୁ ବର୍ଷାଋତୁକୁ ଋତୁରାଣୀ ବୋଲି ସମ୍ବୋଧନ କରାଯାଇଛି । ପୂର୍ବକାଳରେ ବର୍ଷା ଋତୁରେ ହିଁ ବର୍ଷା ହେଉଥିଲା । କିନ୍ତୁ ବର୍ତ୍ତମାନ ଗ୍ରୀଷ୍ମ ଋତୁ ଓ ଶୀତ ଋତୁ ଛଡ଼ା ଅନ୍ୟ କେତେକ ଋତୁରେ ଅଳ୍ପ ପରିମାଣରେ ବର୍ଷା ହୋଇଥାଏ । ପୂର୍ବେ ତାପମାତ୍ରା ଓ ବୃଷ୍ଟିପାତ ଠିକ୍ ସମୟରେ ହେଉଥିଲା । କିନ୍ତୁ ବର୍ତ୍ତମାନ ଠିକ୍ ଭାବରେ ବର୍ଷା ହେଉନାହିଁ । ତାର କାରଣ ହେଉଛି ଜନସଂଖ୍ୟା ବୃଦ୍ଧି । ଏବେ ବୃକ୍ଷ ରୋପଣ ବଦଳରେ ବୃକ୍ଷ ଛେଦନ କରାଯାଉଛି । ଏହାଦ୍ୱାରା ବିଭିନ୍ନ ସ୍ଥାନରେ ତାପମାତ୍ରା ତଥା ବୃଷ୍ଟିପାତରେ ପାର୍ଥକ୍ୟ ଦେଖାଯାଇଛି । ଏହିହେତୁ ଅଦିନ ବର୍ଷା ହେଉଛି । ଏହାଦ୍ୱାରା ଲୋକମାନଙ୍କ ତଥା କୃଷକମାନଙ୍କର ବହୁ କ୍ଷତି ସାଧନ ହୋଇଥାଏ । ସେମାନେ କଷ୍ଟରେ ପଡ଼ି ବହୁ ଯନ୍ତ୍ରଣା ଭୋଗ କରିଥାନ୍ତି । ଏହା ବ୍ୟତୀତ ପଶୁପକ୍ଷୀ କଷ୍ଟ ପାଇବା ସହ ଗ୍ରାମାଞ୍ଚଳ ତଥା ସହରାଞ୍ଚଳରେ ବହୁ କ୍ଷତି ଘଟିଥାଏ । ଉଦାହରଣ ସ୍ୱରୂପ ପୁରୀ ଉପକୂଳ ଅଞ୍ଚଳରେ ସମୁଦ୍ର ମାଡି ଆସୁଛି । ରାଜ୍ୟର ତଥା ପୃଥିବୀର ବିଭିନ୍ନ ଅଞ୍ଚଳର ତାପମାତ୍ରା ପ୍ରକୃତି ଦ୍ୱାରା ପ୍ରଭାବିତ ହୋଇ ଅଦିନ ବର୍ଷା ହୋଇଥାଏ । ଏହି ଅଦିନ ବର୍ଷା ହେବାରେ ମୁଖ୍ୟତଃ ଦାୟୀ ହେଉଛି ମନୁଷ୍ୟ । ଏହି ମନୁଷ୍ୟ ହିଁ ଏଥିରେ ପରିବର୍ତ୍ତନ ଆଣିପାରିବ । ଏଥିପାଇଁ ମନୁଷ୍ୟ ସଚେତନ ଓ ଦୟାଶୀଳ ହେବା ଆବଶ୍ୟକ । ❑❑❑

**ମାନସ କୁମାର ହେମ୍ବ୍ରମ**
ନବମ ଶ୍ରେଣୀ
ସରକାରୀ ଉଚ୍ଚ ବିଦ୍ୟାଳୟ, ଚଣ୍ଡିଖୋଲ

# ଅଦିନ ବରଷା

ଅନେକ ଦିନ ତଳର ଘଟଣା । ଗୋଟିଏ ଗାଆଁରେ ଗୋପାଳ ନାମରେ ଜଣେ ଲୋକ ବାସ କରୁଥିଲା । ତାଙ୍କର ପରିବାରଟି ଥିଲା ବହୁତ ବଡ଼ ଅର୍ଥାତ୍ ତାଙ୍କର ପରିବାରରେ ବହୁତ ସଦସ୍ୟ ଥିଲେ । ଦିନେ ସମସ୍ତେ ବିଚାର କରି ନିଷ୍ପତ୍ତି ନେଲେ ବଣଭୋଜି କରିବାକୁ ଯିବାପାଇଁ । ଦିନ, ତାରିଖ, ସ୍ଥାନ, ସବୁ ଠିକ୍ କରାଗଲା । ଭୋଜିର ସମସ୍ତ ଆୟୋଜନ ମଧ୍ୟ ଚାଲିଲା । ତା'ପରେ ସମସ୍ତେ ବଣଭୋଜି ପାଇଁ ଗଲେ । ଯେଉଁ ସ୍ଥାନକୁ ସେମାନେ ଭୋଜି ପାଇଁ ଯାଇଥିଲେ ସେହି ସ୍ଥାନର ଦୃଶ୍ୟଟି ଥିଲା ଅତ୍ୟନ୍ତ ସୁନ୍ଦର । ସେମାନେ ସେଠାରେ ଖୁସି ଗପ ହେଲେ ଏବ ନାଚଗୀତରେ ମଜ୍ଜିରହି ପ୍ରାକୃତିକ ଦୃଶ୍ୟକୁ ଉପଯୋଗ କରୁଥିଲେ । ତା'ପରେ ସମସ୍ତେ ବଣଭୋଜି ସାରି ଘରକୁ ଫେରୁଥାନ୍ତି । ଅଧବାଟରେ ହଠାତ୍ ଜୋରରେ ପବନ ବହିଲା ଏବଂ ବହୁତ୍ ଜୋର୍‌ରେ ଅଦିନିଆ ବର୍ଷା ହେଲା । ତାହା ବର୍ଷାଋତୁ ହୋଇ ନ ଥିବାରୁ ସେମାନେ ସାଙ୍ଗରେ ଛତା ମଧ୍ୟ ନେଇ ନଥିଲେ । ତେଣୁ ସେମାନେ କ'ଣ କରିବେ ଭାବି ପାରିଲେ ନାହିଁ । ଦେଖିଲେ କିଛି ଦୂରରେ କେତେଗୁଡ଼ିଏ ଘର ରହିଛି । ତା'ପରେ ସେମାନେ ସେହି ବସ୍ତିକୁ ଗଲେ ଏବଂ ସାହାଯ୍ୟ ମାଗିଲେ । ଜଣେ ଲୋକ ସେମାନଙ୍କୁ ବର୍ଷା ଦାଉରୁ ରକ୍ଷା କରିବା ପାଇଁ ନିଜ ଘରକୁ ନେଇଗଲେ ଏବଂ ସେମାନଙ୍କୁ ଆଶ୍ରୟ ଦେଲେ । ସେହିଦିନଠାରୁ ସେମାନେ ଦୁହେଁ ପରସ୍ପର ବନ୍ଧୁ ହୋଇଗଲେ । ଅଦିନ ବର୍ଷା ଯୋଗୁଁ ସେମାନଙ୍କ ମଧ୍ୟରେ ବନ୍ଧୁତା ସ୍ଥାପନ ହୋଇ ପାରିଥିଲା । ବର୍ଷା ବନ୍ଦ ହେବା ପରେ ସେମାନେ ଘରକୁ ଫେରିଥିଲେ । ❑❑❑

**କାମିନୀ ନାଏକ**
ନବମ ଶ୍ରେଣୀ
ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ପାସିମାଳ



# ଅଦିନ ବରଷା

କୋରାପୁଟ ଏକ ପାହାଡ଼ ପର୍ବତରେ ପରିବେଷ୍ଟିତ ଅଞ୍ଚଳ । ସେଠାରେ ଗ୍ରରିଆଡ଼ ଶସ୍ୟ ଶ୍ୟାମଳା ହୋଇ ରହିଥାଏ । ସେଠାକାର ପାହାଡ଼ିଆ ଅଞ୍ଚଳରେ ଜଳସେଚନର ସୁବିଧା ନ ଥିବାରୁ ସମସ୍ତେ ବର୍ଷାକୁ ଅନାଇ ରହିଥାନ୍ତି । କିନ୍ତୁ ଏବେ ବର୍ତ୍ତମାନ ଦେଖା ଦେଲାଣି ଯେ ବର୍ଷା ଠିକ୍ ସମୟରେ ହେଉନାହିଁ । ବର୍ଷା ଦିନରେ ବର୍ଷା ହେଉନି, ଶୀତ ଦିନରେ ଶୀତ ହେଉନି ଓ ଖରା ଦିନରେ ଖରା ହେଉନି । କାହିଁକି କେଜାଣି ପାଗଟା ଜମା ଭଲ ରହୁନି । ବର୍ଷା ଦିନରେ ବର୍ଷା ନ ହୋଇ ଅଦିନରେ ହେବାରେ ଲାଗିଲାଣି । ଏହିପରି ଅଦିନରେ ବର୍ଷା ହେବା ଦ୍ୱାରା ଯେଉଁ ଋତୁରେ ଯାହା ହେବା କଥା ତାହା ହୋଇ ପାରୁନାହିଁ । ବର୍ଷା ଦିନରେ ବର୍ଷା ନ ହେବା ଦ୍ୱାରା ପାହାଡ଼ ପର୍ବତ ସବୁ ଟାଙ୍ଗରା ହୋଇଗଲାଣି । ଶସ୍ୟ କ୍ଷେତ୍ରରେ ଆଉ ସୁନାର ଫସଲ ହେଉ ନାହିଁ । ନଦୀ, ନାଳ, ସବୁ ପାଣି ପାଇ ନ ପାରି କ୍ରମେ ଲୋପ ପାଇବାରେ ଲାଗିଲେଣି । ଅଦିନରେ ବର୍ଷା ହେବା ଦ୍ୱାରା ପରିବେଶ ସନ୍ତୁଳନ ରହି ପାରୁ ନାହିଁ । ଅଦିନ ବର୍ଷା ଆସି ଲୋକମାନଙ୍କୁ ବହୁତ ଅସୁବିଧାରେ ପକାଇଥାଏ । ସାଧାରଣତଃ ଲୋକମାନେ ବର୍ଷାଦିନ ବ୍ୟତୀତ ଅନ୍ୟ ଦିନଗୁଡ଼ିକରେ ଛତା ନେଇ ନଥାନ୍ତି । ଫଳରେ ହଠାତ୍ ବର୍ଷା ହେଲେ ସେମାନେ ଅନେକ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି ।

ଏହି ଅଦିନ ବର୍ଷା ହେବାର କାରଣ ହେଲା ଜଙ୍ଗଲ ନଷ୍ଟ । ଆଜିକାଲି ଲୋକମାନେ ବିଭିନ୍ନ କାରଣରୁ ଗଛ ବା ଜଙ୍ଗଲ ନଷ୍ଟ କରିବାରେ ଲାଗିଛନ୍ତି ଯାହାଦ୍ୱାରା ଅଦିନରେ ବର୍ଷା ହେଉଛି ।

କଥାରେ ଅଛି "ଜଳ ବିହୁନେ ସୃଷ୍ଟି ନାଶ" ।

ତେଣୁ ଆମେ ଗଛ ଲଗାଇ ଜଙ୍ଗଲ ସୃଷ୍ଟି କରି ଅଦିନ ବର୍ଷାକୁ ରୋକିବାକୁ ପଡ଼ିବ । ☐☐☐

ରବି କ୍ରିଶାମେ୍
ଦଶମ ଶ୍ରେଣୀ
ସରକାରୀ ଉଚ୍ଚ ବିଦ୍ୟାଳୟ, ବାସୁଣୀପୁଟ, କୋରାପୁଟ



# ଅଦିନ ବରଷା

ଅବିଭକ୍ତ କୋରାପୁଟ ଜିଲ୍ଲାର ମୁଖ୍ୟ ନଦୀ କୋଲାବ ନଦୀ । ଏହା କୋରାପୁଟ ସହରର ପାର୍ଶ୍ୱବର୍ତ୍ତୀ ଗ୍ରାମଗୁଡ଼ିକ ମଧ ଦେଇ ଗତି କରିଛି । ମୌସୁମୀ ବର୍ଷା ହେଉ କିମ୍ବା ଅଦିନ ବର୍ଷା ଯୋଗୁଁ ଏହି ନଦୀରେ ସବୁ ସମୟରେ ପାଣି ଭରି ହୋଇ ରହେ । ବର୍ଷା ସମୟରେ ନଦୀ ଜଳ ଉଚ୍ଛୁଳି ପଡ଼େ । ସେହି କୋଲାବ ନଦୀରେ ନିର୍ମାଣ କରାଯାଇଛି ଏକ ବୃହତ ଡ୍ୟାମ୍ । ସେଇଥିରୁ ଜଳସେଚନ ଓ ବିଦ୍ୟୁତ୍ ଉତ୍ପାଦନ କରାଯାଉଛି । ଏହି କୋଲାବର ଜଳ ସେଚନରେ ଅନେକ ଗ୍ରାମ ଶସ୍ୟ ଶ୍ୟାମଳା ହୋଇ ଭରି ଉଠିଛି ।

ଏକ ବର୍ଷ ଶୀତ ଋତୁ ସମୟରେ ସେହି ନଦୀ ପ୍ରବାହିତ ହେଉଥିବା ଉପର ମୁଣ୍ଡରେ ଲାଗି ରହିଲା ଅଦିନ ବର୍ଷା । ଅନେକ ଦିନ ବର୍ଷା ଲାଗି ରହିଲା ଓ ବର୍ଷା କମିବାର ନାମ ମଧ ନେଲା ନାହିଁ । ସେହି ଅଞ୍ଚଳରେ ରହିଥିବା ଗ୍ରାମର ଲୋକମାନେ ବିଚଳିତ ହୋଇପଡ଼ିଲେ । ସବୁଯାକ ଶସ୍ୟ ଜଳରେ ବୁଡି ଗଲା । ଅତ୍ୟଧିକ ବର୍ଷା ହେତୁରୁ ଗ୍ରାମଗୁଡ଼ିକ ବର୍ଷା ଜଳରେ ବିଧ୍ୱସ୍ତ ହୋଇଯାଇଥିଲା । ଅତ୍ୟଧିକ ଦୁଃଖର ବିଷୟ ଯେ ଅତ୍ୟଧିକ ବର୍ଷା ହେତୁ କୋଲାବ ଡ୍ୟାମ ଜଳରେ ପୂର୍ଣ୍ଣ ହୋଇ ଉଚ୍ଛୁଳି ପଡିଲା । ଅଧିକ ଜଳ ଫଳରେ ଡ୍ୟାମ ଭାଙ୍ଗି ଯାଇ ଅନେକ ଗ୍ରାମ ମଧ୍ୟକୁ ଜଳ ପ୍ରବେଶ କରି ଆସିଲା । ବାକି ରହିଥିବା ଯେତେଗୁଡ଼ିଏ ଚାଷ ଜମି ସେ ସବୁ ଜଳରେ ବୁଡ଼ି ଖରାପ ହୋଇଯାଇଥିଲା । କୋଲାବ ଡ୍ୟାମର ପାର୍ଶ୍ୱର ରହିଥିବା ଏକ ଗ୍ରାମ ନାମ ହେଉଛି ଅରବିନ୍ଦ ନଗର । ଏହି ଗ୍ରାମଟି ତାହାର ପାଖରେ ରହିଥିବା ହେତୁ ଜଳ ଗ୍ରାମ ଭିତରକୁ ପ୍ରବେଶ କଲା । ତେଣୁ ସମସ୍ତେ ବିକଳରେ ପାହାଡ଼କୁ ଧାଇଁଲେ । ସେହି ଗ୍ରାମରେ ରହିଥିଲେ ଏକ ଦୁଃଖୀ ପରିବାର । ସେମାନେ ସବୁ ଗ୍ରାମରେ ବୁଲି ବୁଲି ଭିକ୍ଷା ମାଗୁ ଥିଲେ । ବଞ୍ଚିବା ନିମନ୍ତେ ସେମାନଙ୍କର ଏକ ମାତ୍ର ପନ୍ଥା ରହିଥିଲା ତାହା । ସେହି ପରିବାରର ମୁଖିଆ ଥିଲେ ଶ୍ୟାମ ସୁନ୍ଦର । ସେ ତାଙ୍କ ଦୁଇ ପିଲା ଓ ସ୍ତ୍ରୀଙ୍କ ସହିତ ଭିକ ମାଗି ଚଳିଯାଉଥିଲେ । ତାଙ୍କ ପାଖରେ ରହିବା ପାଇଁ ଥିଲା ଏକ କ୍ଷୁଦ୍ର କୁଟୀର । କିନ୍ତୁ ସନ୍ତାପର ବିଷୟ, ସେହି କୁଟୀରଟି ଭାଙ୍ଗି ଯାଇଥିଲା । ଦୁଃଖରେ ସହିତ ସେମାନେ ଗ୍ରାମବାସୀଙ୍କ ସହିତ ଗ୍ଲଲିଲେ ପାହାଡ଼ ଉପରକୁ । ସେମାନଙ୍କର ପିନ୍ଧିବା ନିମନ୍ତେ ବସ୍ତ୍ର ନାହିଁ ରହିବା ପାଇଁ ଘର ନାହିଁ । ପୁଣି ଶୀତ ଋତୁ ସମୟରେ ଯେହେତୁ କୋରାପୁଟ ଜିଲ୍ଲାରେ ଅତ୍ୟଧିକ ଥଣ୍ଡା ସେମାନେ ବିକଳରେ କିଛି ଦିନ ଅତିବାହିତ କଲେ । ଶେଷରେ ସେମାନେ ଗ୍ରାମବାସୀଙ୍କ ସହିତ ସହରରେ ପହଞ୍ଚିଲେ ଓ ଯୋଗାଣ ବିଭାଗ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଗଲେ । ସେଠାକାର ଅଧିକାରୀ ସେହି ଗ୍ରାମର ଦୁଃଖ ବୁଝି ପାରି ସେମାନଙ୍କୁ ସାହାଯ୍ୟ କରିବା ନିମନ୍ତେ ରାଜି ହୋଇ କିଛି ବସ୍ତ୍ର, ଖାଦ୍ୟ ଓ କୁଟୀର ନିମନ୍ତେ କିଛି ପଇସା ଦେଲେ । ତା'ପରେ ସେମାନେ ନିଜ ଗ୍ରାମକୁ ଫେରି ଆରମ୍ଭ କଲେ ସେମାନଙ୍କର କୁଟୀର ନିର୍ମାଣ କାର୍ଯ୍ୟ । ▢▢▢

**ପ୍ରକାଶ ଚେଟ୍ଟି**
ଦଶମ ଶ୍ରେଣୀ
ସରକାରୀ ଉଚ୍ଚ ବିଦ୍ୟାଳୟ, ସୁନାବେଡ଼ା, କୋରାପୁଟ